## ନାରୀଶକ୍ତି ବନ୍ଦନ ବିଲ୍‌କୁ ନେଇ ସଚେତନତା ସୃଷ୍ଟି କରାଯିବ




ଭାଜପା ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନେତୃବୃନ୍ଦ।

ଢେଙ୍କାନାଳ,୨୭।୪(ରତନ ନାୟାର)

### ଭାଜପାର ଖବରଦାତା ସମ୍ମିଳନୀ

ଢେଙ୍କାନାଳ ଜିଲା ଭାଜପା କାର୍ଯ୍ୟାଳୟଠାରେ ଜିଲା ସଭାପତି ରାସବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ନାରୀଶକ୍ତି ବନ୍ଦନ ଅଧିନିୟମ ତଥା ସମ୍ବିଧାନର ୧୩୧ତମ ସଂଶୋଧନ ବିଲ୍, ସୀମା ନିର୍ଦ୍ଧାରଣ ବିଲ୍, କେନ୍ଦ୍ର ଶାସିତ ଅଞ୍ଚଳ ଆଇନ୍ ସଂଶୋଧନ ବିଲ୍ ସମ୍ପର୍କିତ ଏକ ଖବରଦାତା ସମ୍ମିଳନୀ ସୋମବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଭାଜପା ରାଜ୍ୟ ସମ୍ପାଦିକା ଡ. ପ୍ରୀତି ପ୍ରତିଭା ଭୋଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ ଯୋଗଦେଇ କହିଲେ, ୨୦୨୯ ସାଧାରଣ ନିର୍ବାଚନରେ ମହିଳାମାନେ ସଂସଦ ଓ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣର ସୁବିଧା ପାଇବା ନିମନ୍ତେ ଏବଂ ଭାରତବର୍ଷର ଜନସଂଖ୍ୟାର ବୃଦ୍ଧି ଦୃଷ୍ଟିରୁ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧି ନିମନ୍ତେ ସୀମା ନିର୍ଦ୍ଧାରଣ ବିଲ୍‌ର ଅବଶ୍ୟକତାକୁ ଆଖି ଆଗରେ ରଖି ଏପ୍ରିଲ୍ ୧୬ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଲୋକ ସଭାରେ ଆଗତ ବିଲ୍‌ଗୁଡିକୁ କଂଗ୍ରେସ୍ ନେତୃତ୍ୱାଧୀନ ବିରୋଧୀ ଦଳ ଇଣ୍ଡି ମେଣ୍ଟ ସହ ବିଜେଡି ଯେଭଳି ବିରୋଧ କଲେ ତାହା ଦେଶର ମାତୃଶକ୍ତି ସହ ବିଶ୍ୱାସଘାତକ। ଆଗାମୀ ଦିନରେ ଖୁବ୍‌ଶୀଘ୍ର ଦେଶର ନାରୀଶକ୍ତି ନୂଆ ଉଡ଼ାଣ ଭରିବା ପାଇଁ ପ୍ରସ୍ତୁତ ହେବ। ଏହି ନାରୀଶକ୍ତି ବନ୍ଦନ ଅଧିନିୟମ ସମ୍ବନ୍ଧରେ ଆଗାମୀ ଦିନରେ ମଣ୍ଡଳ ଏବଂ ପଞ୍ଚାୟତ ସ୍ତରରେ ଭାଜପା ତରଫରୁ ସଚେତନତା ସୃଷ୍ଟି କରାଯିବ ବୋଲି ମତପ୍ରକାଶ ପାଇଥିଲା। ଏହି ସମ୍ମିଳନୀକୁ ଜିଲା ଭାଜପା ସାଧାରଣ ସମ୍ପାଦକ ମାତୃପ୍ରସାଦ ନନ୍ଦ ସଞ୍ଚାଳନ କରିଥିଲେ। ପୂର୍ବତନ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ଜିଲା ଉପସଭାନେତ୍ରୀ ଇତିଶ୍ରୀ ସାହୁ, ବିଷ୍ଣୁ ପ୍ରସାଦ ଲେଙ୍କା, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ଅରୁଣ ନାୟକ, ଜିଲା ଉପସଭାପତି ଧ୍ରୁବଚରଣ ସ୍ୱାଇଁ, ଆଇଟି ସେଲ୍‌ର ଦୁଷ୍ମନ୍ତ ବେହେରାଙ୍କ ସମେତ ବରିଷ୍ଠ ନାରୀନେତ୍ରୀମାନେ ଯୋଗଦେଇଥିଲେ।

## ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

ଭାପୁର,୨୭।୪(ରାଜକୁମାର ପ୍ରଧାନ)

ଢେଙ୍କାନାଳ ଜିଲା ସଦରଥାନା ଅନ୍ତର୍ଗତ ଭାପୁର ଫାଣ୍ଡି ଅଧୀନ ବଣିଆସାହି ଗ୍ରାମ ନିକଟରେ ଯାଇଥିବା ସାପୁଆ ନଦୀକୁ ସୋମବାର ଦିନ ପ୍ରାୟ ୨ଟାରେ ଗାଧୋଇବା ପାଇଁ ଯାଇଥିବା ଜଣେ ୨୨ ବର୍ଷୀୟା ମହିଳାଙ୍କୁ କେହି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ମୁହଁକୁ ଆକ୍ରମଣ କରିଥିବା ଜଣାପଡ଼ିଛି। ମହିଳା ଜଣକ ସେଠାରେ ଅଚେତ ଅବସ୍ଥାରେ ପଡ଼ି ରହିଥିଲେ। ପରିବାର ଲୋକେ ବହୁ ଖୋଜିବା ପରେ ନଦୀକୂଳରୁ ତାଙ୍କୁ ଉଦ୍ଧାର କରିବା ସହ ଭାପୁର ଫାଣ୍ଡିରେ ଜଣାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସନ୍ଧ୍ୟା ପର୍ଯ୍ୟନ୍ତ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ପୋଲିସ ଘଟଣା ଉପରେ ନଜର ରଖିବା ସହ ଡାକ୍ତରୀ ରିପୋର୍ଟ ଆସିବାପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭାପୁର ଫାଣ୍ଡି ଅଧିକାରୀ ତୁଳସୀ ମଞ୍ଜରୀ ଭୂୟାଁ ପ୍ରକାଶ କରିଛନ୍ତି।

## ୫୫୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବିତରଣ




ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଢେଙ୍କାନାଳ,୨୭।୪(ରତନ ନାୟାର)

ଢେଙ୍କାନାଳ ସହର ଦକ୍ଷିଣକାଳୀସ୍ଥିତ ସତ୍‌ସଙ୍ଗ ବିହାର ପରିସରରେ ଭୁବନେଶ୍ୱରର କଳିଙ୍ଗ ହସ୍ପିଟାଲ ଓ ଜିଲା ସ୍ୱାସ୍ଥ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଶନିବାର ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କଳିଙ୍ଗ ହସ୍ପିଟାଲର ଭେଷଜ, ଶିଶୁ, ହୃଦ୍‌ରୋଗ, ଅସ୍ଥିଶଲ୍ୟ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ, କର୍ଣ୍ଣ, ନାଶା, ଗଳା ବିଭାଗର ଚିକିତ୍ସକମାନେ ଯୋଗଦେଇ ୫୫୦ଜଣ ରୋଗୀଙ୍କୁ ପରୀକ୍ଷା କରିବା ସହ ଔଷଧ ବିତରଣ କରିଥିଲେ। ଜିଲା ରକ୍ତଭଣ୍ଡାର ପକ୍ଷରୁ ୨୩୦ଜଣଙ୍କ ରକ୍ତ ଗ୍ରୁପିଂ କରାଯାଇଥିଲା। ଶିବିରକୁ ଭୁବନେଶ୍ୱର ସତ୍‌ସଙ୍ଗ ବିହାରର ପ୍ରତିଭା ମିଶ୍ର ଓ ଗୁରୁ ଭାଇମାନେ ଉଦ୍‌ଘାଟନ କରିଥିଲେ। ଋତ୍ୱିକ ମହାବୀର ପ୍ରସାଦ ତ୍ରିପାଠୀ, ରଘୁନାଥ ବସ୍ତିଆ, ସୁଶାନ୍ତ କୁମାର ଶତପଥୀ ଓ ଢେଙ୍କାନାଳ ସତ୍‌ସଙ୍ଗ ବିହାରର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ତହସିଲ କାର୍ଯ୍ୟାଳୟ ଉପସ୍ଥାନ ଯାଞ୍ଚ କଲେ ଉପଜିଲାପାଳ




ଗଁଦିଆ ତହସିଲ କାର୍ଯ୍ୟାଳୟ।

ଗଁଦିଆ,୨୭।୪(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ତହସିଲ କାର୍ଯ୍ୟାଳୟକୁ ସୋମବାର ସକାଳ ୭ଟାରେ ନୂତନ ଉପଜିଲାପାଳ ପଦ୍ମଚରଣ ସାହୁ ଅଚନାକ ପରିଦର୍ଶନ କରିଥିଲେ। କାର୍ଯ୍ୟାଳୟରେ କର୍ମଚାରୀଙ୍କ ଉପସ୍ଥିତି ସମ୍ପର୍କରେ ଉପଜିଲାପାଳ ଯାଞ୍ଚ କରିଥିଲେ। ଏହି ଯାଞ୍ଚ ସମୟରେ କାର୍ଯ୍ୟାଳୟର ୪ ଜଣ କର୍ମଚାରୀ ଅନୁପସ୍ଥିତ ଥିବା ଜଣାପଡିଥିଲା। ଉପଜିଲାପାଳ ଅନୁପସ୍ଥିତ ଥିବା କର୍ମଚାରୀଙ୍କୁ ତୁରନ୍ତ ଅନୁପସ୍ଥିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳଙ୍କ ଏପରି ଅଚାନଚକ ପରିଦର୍ଶନ ଫଳରେ ଏହାକୁ ଦେଖି ଅନ୍ୟ ସରକାରୀ କାର୍ଯ୍ୟାଳୟ ଗୁଡିକରେ ମଧ କର୍ମଚାରୀମାନେ ଚଳଚଞ୍ଚଳ ହୋଇପଡିଥିବା ଦେଖାଯାଇଥିଲା।

## ୧୫୫ ୟୁନିଟ୍ ରକ୍ତ ସଂଗୃହୀତ



ଗ୍ରୀଷ୍ମକାଳୀନ ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

ଢେଙ୍କାନାଳ,୨୭।୪(ରତନ ନାୟାର)

ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ଏବଂ ମାରୱାଡି ଯୁବ ମଞ୍ଚ ପକ୍ଷରୁ ସୋମବାର ସକାଳ ୮ଟାରୁ ସହରସ୍ଥିତ ସୂର୍ଯ୍ୟ ମଣ୍ଡପଠାରେ ଏକ ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୧୫୫ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଏହି ଅବସରରେ ଜିଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ସଭାପତି ରାଜେନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ବିନୋଦ ଅଗ୍ରୱାଲ, ସମାଜସେବୀ ବିରଞ୍ଚି ନାରାୟଣ ପାଣି, ଜିଲା ରେଡ୍‌କ୍ରସ୍ ସୋସାଇଟି ଉପସଭାପତି ରାଜ କିଶୋର ବେହେରା, ଜିଏସ୍‌ଟି ଓ କମର୍ସିଆଲ ଟାକ୍ସ ଡେପୁଟି କମିଶନର ହରପ୍ରିୟା ମହାପାତ୍ରଙ୍କ ସମେତ ଜିଲା ବାଣିଜ୍ୟ ଶିଳ୍ପ ପ୍ରତିଷ୍ଠାନ ଓ ମାରୱାଡି ଯୁବ ମଞ୍ଚର କର୍ମକର୍ତ୍ତା ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ। ଜିଲା ରକ୍ତଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।

## ଐତିହ୍ୟ ଯୋଦ୍ଧା ସମ୍ମାନିତ

ଢେଙ୍କାନାଳ,୨୭।୪(ରତନ ନାୟାର)

କଟକ ବାରବାଟୀ ଷ୍ଟାଡିୟମର ଓଡ଼ିଶା କ୍ରିକେଟ ଆସୋସିଏଶନର ସମ୍ମିଳନୀ କକ୍ଷରେ କଟକ ହେରିଟେଜ୍ ୱାକ୍‌ର ଅଷ୍ଟମ ବାର୍ଷିକ ଉତ୍ସବ ଅବସରରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଅନ୍ୟତମ ବରିଷ୍ଠ ସଂସ୍ଥାପକ ସଦସ୍ୟ ନାରାୟଣ ପଟ୍ଟନାୟକଙ୍କୁ 'ଐତିହ୍ୟ ଯୋଦ୍ଧା' ଭାବରେ ସମ୍ମାନିତ କରାଯାଇଛି। ଐହିତ୍ୟର ସୁରକ୍ଷା ଓ ସଚେତନତା କ୍ଷେତ୍ରରେ ପଟ୍ଟନାୟକଙ୍କ ସମର୍ପିତ ଉଦ୍ୟମ ଓ ସହଯୋଗ ନିମନ୍ତେ ତାଙ୍କୁ ସମ୍ମାନିତ କରାଯାଇଛି। ସମାରୋହ ଅବସରରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର, ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ଅଧୀକ୍ଷକ ଡ. ଦିବସାଦା ବ୍ରଜସୁନ୍ଦର ଗଡ଼ନାୟକ, ବରିଷ୍ଠ ଗବେଷକ ଓ ଲେଖକ ଭାସ୍କର ପରିଚ୍ଛା, ପ୍ରତ୍ନତତ୍ତ୍ୱ ଗବେଷକ ଅନୀଲ ଧୀର, ଐତିହାସିକ ଜେ.ପି. ଜଗଦ୍ଦେବ, ଶିକ୍ଷାବିତ୍ ଡ. ଖାରବେଳ ମହାନ୍ତି ଓ କଟକ ହେରିଟେଜ୍ ୱାକ୍‌ର ଆବାହକ ଡ.ଦୀପକ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଜନ ଅଭିଯୋଗ ଶୁଣାଣି ଶିବିର




ଜନ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ।

ଗଁଦିଆ,୨୭।୪(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକରେ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଅଧିକାରୀମାନେ ଯୋଗଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଉପରେ ଶୁଣାଣି କରିଥିଲେ। ଶିବିରରେ ମୋଟ ୮୮ଟି ଅଭିଯୋଗ ଦାଖଲ ହୋଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଅଭିନବ ସୋନକର, ଉପଜିଲାପାଳ ପଦ୍ମଚରଣ ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର, ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ସଦର ଏସ୍‌ଡିପିଓ ରମେଶ ଡୋରା, ଗଁଦିଆ ବିଡିଓ ପବିତ୍ର କୁମାର ବେହେରା, ଗଁଦିଆ ତହସିଲଦାର ସତ୍ୟଜିତ ମହାପାତ୍ର, ଗଁଦିଆ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ଦଳେଇ, ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସ୍ଥିତପ୍ରଜ୍ଞ ମହାନ୍ତିଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଗୁରୁ ଅନୀତା ରାଜଗୁରୁ, ୩ ଛାତ୍ରୀ ସମ୍ମାନିତ

### ନାଗପୁରରେ ଏନ୍‌ସିଡିଏ ଛାତ୍ରୀଙ୍କ ସଫଳତା

ବଣ୍ଡରପାଳ,୨୭।୪(ସୁବାସ ସାହୁ)




ଗୁରୁଙ୍କ ସହ ୩ ସଫଳ ଛାତ୍ରୀଙ୍କୁ ସମ୍ମାନିତ କରାଯାଉଛି।

ଅନୁଗୋଳ ଜିଲା ନାଲ୍‌କୋ ଅଞ୍ଚଳରେ ଥିବା ନ୍ୟୁକ୍ଲିଏଶନ ଡାନ୍ସ ଏକାଡେମୀ (ଏନ୍‌ସିଡିଏ)ର ୩ ଛାତ୍ରୀ ଶର୍ମିଷ୍ଠା ନାଥ, ଆହାନା ରଥ ଓ ଶ୍ରେୟାଂଶୀ ମହାରଣାଙ୍କୁ ଅନ୍ତର୍ଜାତୀୟ ନୃତ୍ୟ ଦିବସ ଅବସରରେ ନାଗପୁର ସାଇନଗରରେ କଲଚରାଲ ଫାଉଣ୍ଡେଶନ୍ ଅଫ୍ ଇଣ୍ଡିଆ ପକ୍ଷରୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। ଏଥିସହ ସେମାନଙ୍କ ନୃତ୍ୟ ଶିକ୍ଷୟିତ୍ରୀ ଅନୀତା ରାଜଗୁରୁଙ୍କୁ ନୃତ୍ୟ କଳାଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଛି। ସୂଚନା ଅନୁଯାୟୀ, ଅନ୍ତର୍ଜାତୀୟ ନୃତ୍ୟ ଦିବସ ଉପଲକ୍ଷେ କଲଚରାଲ ଫାଉଣ୍ଡେଶନ୍ ଅଫ୍ ଇଣ୍ଡିଆ ପକ୍ଷରୁ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭାରତର ବିଭିନ୍ନ ରାଜ୍ୟରୁ ପ୍ରାୟ ୩୫୬ ନୃତ୍ୟଶିଳ୍ପୀଙ୍କୁ ମନୋନୀତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ନ୍ୟୁକ୍ଲିଏସନ ଡାନ୍ସ ଏକାଡେମୀର ସମ୍ପୃକ୍ତ ୩ ଛାତ୍ରୀଙ୍କୁ ମନୋନୀତ କରାଯାଇଥିଲା। ଏଥିରେ କନିଷ୍ଠ ଏକକ ଓଡ଼ିଶୀରେ ଆହାନା ପ୍ରଥମ, ଶ୍ରେୟାଂଶୀ ୩ୟ ହୋଇଥିଲେ। ଲୋକନୃତ୍ୟରେ ଶ୍ରେୟାଂଶୀ ପ୍ରଥମ, ଆହାନା ୨ୟ ହୋଇଥିବାବେଳେ କନିଷ୍ଠ ବିଭାଗରେ ଶର୍ମିଷ୍ଠା ୩ୟ ହୋଇଥିଲେ। ଏହି ସଫଳତା ହାସଲ ସହ ଛାତ୍ରୀମାନେ ଅନୁଷ୍ଠାନ ଓ ଅନୁଗୋଳ ଜିଲା ପାଇଁ ଗୌରବ ଆଣିଛନ୍ତି। ଅନୁଷ୍ଠାନ ସଭାପତି ଓ ସମ୍ପାଦକ ପଙ୍କଜ ସାମଲ ଛାତ୍ରୀ, ଅଭିଭାବକ ଓ ଶିକ୍ଷୟିତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆସନ୍ତା ମାସରେ ଭିଏତନାମରେ ହେବାକୁଥିବା ନୃତ୍ୟ କାର୍ଯ୍ୟକ୍ରମ ପାଇଁ ମଧ ସେ ଶୁଭକାମନା ଜଣାଇଛନ୍ତି।

## ବାଉଁଶରୁ ସୌଖୀନ ସାମଗ୍ରୀ ପ୍ରସ୍ତୁତି ତାଲିମ




ଶିବିରରେ ବାଉଁଶରୁ ସୌଖୀନ ସାମଗ୍ରୀ ପ୍ରସ୍ତୁତି ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

ଢେଙ୍କାନାଳ,୨୭।୪(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ସନ୍ତପୁରସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନ୍ୟୁ ଇଣ୍ଡିଆ ଓ ଓଡ଼ିଶା ବାଉଁଶ ବିକାଶ ସଂସ୍ଥା ସହାୟତାରେ ଅନୁଷ୍ଠାନର ପ୍ରଶିକ୍ଷଣ କେନ୍ଦ୍ରରେ ଏକ ୧୫ ଦିନିଆ ବାଉଁଶରୁ ସୌଖୀନ ସାମଗ୍ରୀ ପ୍ରସ୍ତୁତ ତାଲିମ କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୨୫ଜଣ ମହିଳା ବାଉଁଶ କାରିଗର ଅଂଶଗ୍ରହଣ କରି ତାଲିମ ନେଉଛନ୍ତି। ପ୍ରଶିକ୍ଷିକା ଭାବରେ କଳ୍ପନା ସାହୁ ତାଲିମ୍ ପ୍ରଦାନ କରୁଥିବାବେଳେ ଫୁଲଝୁଡି, ସଙ୍ଗା କାନଫୁଲ, ପେନ୍‌ଷ୍ଟାଣ୍ଡ, ଫୁଲଦାନି, ଚାବିରିଙ୍ଗ୍, କପ୍, ୱାଲ୍ ହାଙ୍ଗିଙ୍ଗ୍, ଚୁଡି ଷ୍ଟାଣ୍ଡ, ଟ୍ରେ, ଫୁଲତୋଡ଼ା, କଳସୀ ପିଢ ଆଦି ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ତାଲିମ ନେବା ପରେ ସମସ୍ତ କାରିଗର ଘରେ ଉକ୍ତ ସାମଗ୍ରୀ ପ୍ରସ୍ତୁତ କରି ନ୍ୟୁ ଇଣ୍ଡିଆ ଅନୁଷ୍ଠାନ ମାଧ୍ୟମରେ ଓଡ଼ିଶା ବାଉଁଶ ବିକାଶ ସଂସ୍ଥାକୁ ବିକ୍ରୟ କରିବେ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମକୁ ନ୍ୟୁ ଇଣ୍ଡିଆର ସମ୍ପାଦକ ଶେଷଦେବ ରାଉତ ପରିଚାଳନା କରୁଛନ୍ତି।

## ନଦୀରେ ନିଖୋଜ ଥିବା ଯୁବକଙ୍କ ମୃତଦେହ ଉଦ୍ଧାର

ଓଡ଼ାପଡ଼ା,୨୭।୪(ରଞ୍ଜିତ୍ ନାୟକ)

ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ଅନ୍ତର୍ଗତ ମାନପୁର ଗ୍ରାମର ସୁଶୀଳ ସାହୁ (୩୧) ରବିବାର ବ୍ରାହ୍ମଣୀ ନଦୀରେ ଗାଧୋଉଥିବାବେଳେ ବୁଡ଼ିଯାଇ ନିଖୋଜ ହୋଇଥିଲେ। ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜିବା ପରେ ମଧ ତାଙ୍କ ମୃତଦେହ ଉଦ୍ଧାର ହୋଇପାରି ନ ଥିଲା। ଏ ସମ୍ପର୍କରେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଢେଙ୍କାନାଳ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସହ ଆଲୋଚନା କରି ଓଡ୍ରାଫ୍ଟ ଟିମ୍ ଦ୍ୱାରା ଖୋଜିବା ପାଇଁ ଅନୁରୋଧ କରିଥିଲେ। ସୋମବାର ଓଡ୍ରାଫ୍ଟ ଟିମ୍ ଓ ଦମକଳବାହିନୀ ମିଳିତ ଭାବେ ଖୋଜାଖୋଜି କରିବା ପରେ ଅପରାହ୍ନ ପ୍ରାୟ ୫ଟାବେଳେ ସୁଶୀଳଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ଜଣାପଡିଛି। ଏ ନେଇ ଏମ୍‌ପି ରୁଦ୍ରନାରାୟଣ ପାଣି ଓ ଓଡ୍ରାଫ୍ଟ ଟିମ୍, ଦମକଳ ବାହିନୀ ଓ ଜିଲା ପ୍ରଶାସନକୁ ଧନ୍ୟବାଦ ଦେଇଛନ୍ତି। ପୋଲିସ ମୃତଦେହ ଜବତ କରିଛି।

## ବାଙ୍କିଡ଼ି ଗ୍ରାମରେ ବାଦିପାଲା ଉଦ୍‌ଯାପିତ



ସାତମାଇଲ,୨୭।୪(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ପାଟଲା ପଞ୍ଚାୟତ ଅନ୍ତର୍ଗତ ବାଙ୍କିଡି ଗ୍ରାମର ମା' ଟିପିରାଣୁଣୀ ପାଲା ମଣ୍ଡପରେ ୩ ଦିନଧରି ହେଉଥିବା ଦ୍ୱିତୀୟ ପାଲା ମହୋତ୍ସବ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର, ଶନିବାର ଓ ରବିବାର ଏହି ପାଲା ପରିବେଷଣ କରାଯାଇଥିଲା। ଗାୟକ ବାଣୀକଣ୍ଠ ବନମାଳୀ ପତି, ଗାୟକ ବାଗ୍ମୀ ନାରାୟଣ ମହାରଣା ଓ ସାଥୀମାନେ ପାଲା ପରିବେଷଣ କରିଥିଲେ। ଉପଖଣ୍ଡର ବିଭିନ୍ନ ସ୍ଥାନର ସତ୍ୟନାରାୟଣ ମଞ୍ଚର ଉଦ୍ୟୋକ୍ତାଙ୍କ ସମେତ ଆଖପାଖ ଅଞ୍ଚଳର ବହୁ ସାହିତ୍ୟଶ୍ରୋତା, ପାଲାପ୍ରେମୀ ପ୍ରତ୍ୟେହ ଯୋଗଦାନ କରିଥିଲେ। ମା' ଟିପିରାଣୁଣୀ ପାଲା କମିଟିର ସମସ୍ତ ସଦସ୍ୟ ସକ୍ରିୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## କୂଅରେ ଖସିପଡ଼ିଥିବା ଯୁବକ ଉଦ୍ଧାର

ଗଁଦିଆ,୨୭।୪
(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁର ଅଞ୍ଚଳର ଉମାକାନ୍ତ ରଥଙ୍କ ପୁତ୍ର ସତ୍ୟବ୍ରତ ରଥ(୧୮) ସୋମବାର ମଧ୍ୟାହ୍ନ ୧୨ଟା ୪୫ରେ ଅସାବଧାନତା କାରଣରୁ କୂଅ ମଧ୍ୟକୁ ଖସି ପଡ଼ିଥିଲେ। ପରିବାର ଲୋକେ ଜାଣିବା ପରେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପକ୍ଷରୁ ଦିଲୀପ କୁମାର ଦାସଙ୍କ ନେତୃତ୍ୱରେ ସନ୍ତୋଷ କୁମାର ଷେଣ୍ଠ, ରମାକାନ୍ତ ସାହୁ, କ୍ଷୀରୋଦ ଧାରୁଆ, ଦେବଦତ୍ତ ଦାସ, ସୌରଭ କୁମାର ବେହେରା ପ୍ରମୁଖ କୂଅ ଭିତରୁ ସତ୍ୟବ୍ରତଙ୍କୁ ଉଦ୍ଧାର କରି ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡିଛି।

## ଗୋ ସୁରକ୍ଷା ପାଇଁ ତହସିଲଦାରଙ୍କୁ ପ୍ରାର୍ଥନାପତ୍ର




ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀଙ୍କୁ ପ୍ରାର୍ଥନାପତ୍ର ପ୍ରଦାନ କରାଯାଉଛି।

ଓଡ଼ାପଡ଼ା,୨୭।୪(ରଞ୍ଜିତ୍ ନାୟକ)

ଢେଙ୍କାନାଳ ଜିଲା ହିନ୍ଦୋଳରୋଡସ୍ଥିତ ମହାବୀର ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସୋମବାର ଗୋବଂଶ ସୁରକ୍ଷା ପାଇଁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀଙ୍କୁ ପ୍ରଦାନ କରାଯାଇଛି। ଏଥିସହ ସରକାର ଗୋ ସୁରକ୍ଷା ପାଇଁ କାମଧେନୁ ଯୋଜନା ସହ ଅନ୍ୟାନ୍ୟ ବିଭିନ୍ନ ଯୋଜନାରେ ବହୁ କୋଟି ବ୍ୟୟ କରୁଥିବାବେଳେ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉ ନ ଥିବା ଅଭିଯୋଗ କରାଯାଇଛି। ଜାତୀୟ ରାଜପଥରେ ଗୋରୁ ବିଚରଣ କରିବା ଯୋଗୁ ଅନେକ ସମୟରେ ଦୁର୍ଘଟଣାରେ ଆହତ ହେଉଛନ୍ତି। ଏ ସମ୍ପର୍କରେ ମହାବୀର ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଛି। ଗୋ ସୁରକ୍ଷା ପାଇଁ ଆଇନ ପ୍ରଣୟନ କରିବାନେଇ ଗୋ ସୁରକ୍ଷା ଅଭିଯାନ ପକ୍ଷରୁ ଦାବି କରାଯାଇଛି। ପ୍ରତ୍ୟେକ ପରିବାରକୁ ଗୋରୁଙ୍କ ପାଇଁ ଗୁହାଳଟିଏ ଦେଲେ ଲୋକେ ଗୋରୁଙ୍କୁ ରାସ୍ତାକୁ ଛାଡ଼ିବେ ନାହିଁ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଥିଲା। ପ୍ରତି ଗ୍ରାମରେ ଗୋ ଚରାଳି ନିଯୁକ୍ତ କରାଯାଇ ବେତନ ପ୍ରଦାନ କରାଗଲେ ଗୋରୁ ସୁରକ୍ଷିତ ଚାରଣ କରିବା ସହ ଗ୍ରାମବାସୀଙ୍କ ଆଗ୍ରହ ବଢ଼ିବ। ଗୋଚର ଭୂମି ଜବରଦଖଲ ଉଚ୍ଛେଦ ହେଲେ ଗୋ ବଂଶଙ୍କ ଖାଦ୍ୟ ସୁରକ୍ଷିତ ରହିବ। ସଦସ୍ୟମାନେ ହିନ୍ଦୋଳ ରୋଡସ୍ଥିତ ଜଗନ୍ନାଥ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ତହସିଲ କାର୍ଯ୍ୟାଳୟ ଠାରେ ପହଞ୍ଚି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ମିଳିତ ଜନ ଶୁଣାଣିରେ ୬୯ ଅଭିଯୋଗ



ତାଳଚେରଠାରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣୁଛନ୍ତି।

**ଅନୁଗୋଳ,୨୭।୪(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ସୋମବାର ତାଳଚେର ପଞ୍ଚାୟତ ସମିତି ସଭାଗୃହଠାରେ ଜିଲା ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମୁଦାୟ ୬୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ୪ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅତିରିକ୍ତ ଆରକ୍ଷୀ ଅଧ୍ୟକ୍ଷ ବୀରଞ୍ଚି ବାଗ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ତାଳଚେର ଉପଜିଲାପାଳ ଆଶିଷ ରଞ୍ଜନ ସାହୁ, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ଅଂଶୁମାନ ଦାଶ, ଆସିଷ୍ଟାଣ୍ଟ କଲେକ୍ଟର ସଞ୍ଜୟ କୁମାର ଭୋଇ, ତାଳଚେର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବରାଳ, ତାଳଚେର ତହସିଲଦାର ଆଲଫା ଜେନା, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଜିଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ମୁଖ୍ୟ ଜିଲା କୃଷି ଅଧିକାରୀ ବିନୋଦ କୁମାର ଦଲାଇ, ଉପନିର୍ଦ୍ଦେଶକ ଉଦ୍ୟାନ ଅମର ଲୁଗୁନ, ଜିଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟ ନାରାୟଣ ସାହୁଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ସେହିପରି ଜିଲା କାର୍ଯ୍ୟାଳୟଠାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

## ମାନଯୋର ମୁଖ୍ୟ କେନାଲରେ ଗୟଳ ମୃତ

**ଆଠମଲ୍ଲିକ,୨୭।୪(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ବନଖଣ୍ଡ ମାଧପୁର ରେଞ୍ଜ ଅନ୍ତର୍ଗତ ମାନଯୋର ଜଳସେଚନ ଯୋଜନାର ମୁଖ୍ୟ କେନାଲରେ ସୋମବାର ଏକ ଗୟଳ ପଡି ପ୍ରାଣ ହରାଇଛି। ବନ ବିଭାଗର ସୂଚନା ମୁତାବକ, ରବିବାର ରାତିରେ ଗୟଳଟି ମୁଖ୍ୟ କେନାଲରେ ଖସି ପଡିଥିବା ଖବର ମିଳିଥିଲା। ବନ ଅଧିକାରୀ ଓ କର୍ମଚାରୀ ଘଟଣା ସ୍ଥଳକୁ ଯାଇ ଗୟଳଟିକୁ ପାଣିରୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ



ମଧ୍ୟ ସଫଳ ହୋଇ ନ ପାରି ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ଓ ବନବିଭାଗ ମିଳିତ ଭାବରେ ଗୟଳକୁ ଉଦ୍ଧାର କରିଥିଲେ ମଧ୍ୟ ତାହାର ମୃତ୍ୟୁ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ବ୍ୟବଚ୍ଛେଦ ପରେ ଗୟଳ ମୃତଦେହ ପୋତି ଦିଆଯାଇଛି ବୋଲି ଫରେଷ୍ଟର ସନ୍ତୋଷ କୁମାର ନାୟକ ପ୍ରକାଶ କରିଛନ୍ତି।

# ସଂରକ୍ଷଣ ଲାଗୁ ପାଇଁ ସରକାରଙ୍କୁ କୃତଜ୍ଞତା



ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥିମାନେ।

**ଅନୁଗୋଳ,୨୭।୪(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ବ୍ଲକ୍ ଡାଇମଣ୍ଡ ପରିସରରେ ସୋମବାର ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ପ୍ରଥମ ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଙ୍ଗଠନ ସଭାପତି ଗଙ୍ଗାଧର ନାୟକ ଅଧ୍ୟକ୍ଷତା କରିଥିଲେ। ମେଡିକାଲ, ଇଞ୍ଜିନିୟରିଂ ଓ ବୈଷୟିକ ଶିକ୍ଷାନୁଷ୍ଠାନରେ ଏସ୍‌ସି ଓ ଏସ୍‌ଟି ଛାତ୍ରୀଛାତ୍ରଙ୍କ ପାଇଁ ୧୬.୨୫% ଓ ୨୨.୫% ସଂରକ୍ଷଣ ଲାଗୁ କରାଯାଇଥିବାରୁ ରାଜ୍ୟ ସରକାରଙ୍କୁ ରାଜ୍ୟ ସଭାପତି କୃତଜ୍ଞତା ଜଣାଇଥିଲେ। ପରେ ରାଜ୍ୟ ପ୍ରମୁଖ ସମ୍ପାଦକ ଅନନ୍ତ କିଶୋର ମାଝୀ ପରିଷଦର ତ୍ରୟମାସିକ ବିବରଣୀ ପାଠ କରିଥିଲେ। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଓ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଏହି ଅବସରରେ ସର୍ବାଧିକ ସଦସ୍ୟତା ହାସଲ କରିଥିବା ବଲାଙ୍ଗୀର ଜିଲା ଶାଖାର ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୂତନ ଭାବେ ଗଠିତ ବିଭିନ୍ନ ଜିଲା ଓ ବ୍ଲକ୍ କମିଟିଗୁଡିକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ରାଜ୍ୟ ସଙ୍ଗଠନର କର୍ମକର୍ତ୍ତା ମୀନକେତନ ମାଝୀ, ପୃଥିରାଜ ହାଁସଦା, ଜିତେନ୍ଦ୍ର ବେହେରା, ଅନିଲ କୁମାର ମଲ୍ଲିକ, ଅସିତ କୁମାର ନାୟକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ବିଦ୍ୟୁତ୍ କାଟ୍, ଲୋ ଭୋଲଟେଜ୍ ନେଇ ଅସନ୍ତୋଷ

**କଣିହାଁ,୨୭।୪(ନିରୋଜ ପ୍ରଧାନ)**

କଣିହାଁ ବ୍ଲକ ସମଲ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ନେଇ ଅସନ୍ତୋଷ ଦେଖାଦେଇଛି। ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ବିଦ୍ୟୁତ୍ ବିଭ୍ରାଟ ଯୋଗୁଁ ଲୋକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦିନ ତମାମ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। ଲୋ ଭୋଲଟେଜ ଯୋଗୁ ଫ୍ୟାନ ମଧ୍ୟ ବୁଲୁନାହିଁ। ବିଶେଷକରି ସମଲ ବ୍ୟାରେଜ କଲୋନୀରେ ଲୋକମାନେ ଅସୁବିଧାରେ ପଡୁଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିତରକ କମ୍ପାନୀ ଶୁଣୁ ନ ଥିବା ଲୋକମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, କଲୋନୀ ଅଞ୍ଚଳରେ ବିତରକ କମ୍ପାନୀ ତରଫରୁ ବିଲ ଆଦାୟ କରାଯାଉଥିବା ବେଳେ ଏହାର ମରାମତି କାମ ବ୍ୟାରେଜ ତରଫରୁ ପୂର୍ବରୁ ଜାରି ରହିଛି। ଫଳରେ କର୍ମଚାରୀ ଅଭାବ ଓ ଭିତ୍ତିଭୂମି ଅଭାବ ଯୋଗୁ ମେଣ୍ଟେନାନ୍ସ ଠିକ୍‌ରେ ହୋଇ ନ ପାରିବାରୁ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ହେଉଛି। ଅନେକ ସ୍ଥାନରେ ବାଇପାସ କରି ଅସାଧୁ ବ୍ୟକ୍ତିମାନେ ବିଦ୍ୟୁତ୍ ବ୍ୟବହାର କରୁଥିବାରୁ ଲୋ ଭୋଲଟେଜ ଦେଖାଦେଇଛି। ଏ ନେଇ ବିଦ୍ୟୁତ୍ ବିତରକ କମ୍ପାନୀ ଓ ବ୍ୟାରେଜ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି ହେଉଛି।

# ସମସ୍ୟାର ସମାଧାନ ପାଇଁ ଭାଜପାର ଦାବିପତ୍ର



ସହକାରୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଆଠମଲ୍ଲିକ,୨୭।୪(ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା ଆଠମଲ୍ଲିକ ନଗର ଭାଜପା ତରଫରୁ ବିଭିନ୍ନ ସମସ୍ୟାକୁ ନେଇ ସ୍ଥାନୀୟ ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ବିଶ୍ୱଜିତ ମହାନ୍ତିଙ୍କୁ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ମଧ୍ୟରେ ମୁଖ୍ୟତଃ ଆୟୁଷ୍ମାନ କାର୍ଡ ଲୋକ ପାଇଛନ୍ତି କି ନାହିଁ, ତଦନ୍ତ କରାଯାଇ ହିତାଧିକାରୀଙ୍କୁ ପ୍ରଦାନ କରିବା, ସହର ମଧ୍ୟରେ ଥିବା ଶୌଚାଳୟଗୁଡ଼ିକ କାର୍ଯ୍ୟକ୍ଷମ କରିବା, ଉଠା ଦୋକାନୀମାନଙ୍କ ପାଇଁ ବୀମା, ଋଣ ଓ ସ୍ଥାୟୀ ସମାଧାନ ବ୍ୟବସ୍ଥା କରିବା, ସହରରେ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା କରିବା, ବସ୍‌ଷ୍ଟାଣ୍ଡରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ସୁରକ୍ଷାକର୍ମୀ ନିଯୁକ୍ତି କରିବା, ରାସ୍ତା ଭିଡ଼ ସମୟରେ ବାଲି ବୋଝେଇ ଟ୍ରକ୍ ନ ଛାଡିବା ଆଦି ଦାବି ରହିଛି। ଏହି ଦାବିପତ୍ର ଦେବା ସମୟରେ ନଗର ଭାଜପା ସଭାପତି ଶୈଳବାଳା ଅମାନ୍ତ, ଏନ୍‌ଏସି ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ କୁମାର ହୋତା, ଯୁବନେତା ପିନା ପାଣିଗ୍ରାହୀ, କାଉନସିଲର ନୂତନ ବେହେରା, ନଗର ଭାଜପାର ପୂର୍ବତନ ସଭାପତି ଅବନୀ ପ୍ରଧାନ, ବିଜୟ ପାତ୍ର, ସୁଶାନ୍ତ ପ୍ରଧାନ, ସଂକୀର୍ତ୍ତନ ମେଣ୍ଡୁଲି, ପାର୍ଥ ସାରଥୀ ବେହେରାଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ହଣ୍ଡପା ପୋଲିସ ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ



ଥାନା ପରିସରରେ ଜଳଛତ୍ର ଉଦ୍‌ଘାଟନ ଅବସରରେ ପୋଲିସ କର୍ମଚାରୀମାନେ।

**ବଇଣ୍ଡା, ୨୭।୪ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ପରିସରରେ ସୋମବାର ପୋଲିସ ପକ୍ଷରୁ ଜଳଛତ୍ର ଉଦ୍‌ଘାଟନ କରାଯାଇଛି । ଆଠମଲ୍ଲିକ ଏସ୍‌ଡିପିଓ ସୁଶାନ୍ତ କୁମାର ତାଉଡିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଉଦ୍‌ଘାଟନ କରିବା ସହ ଅଞ୍ଚଳବାସୀଙ୍କୁ ଦହି ପାଣି ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ହଣ୍ଡପା ଆଇଆଇସି ରାଜେଶ କୁମାର ଶତପଥୀ, ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏ, ହଣ୍ଡପା ଥାନା ସେକେଣ୍ଡ ଅଫିସର ତରଣୀ ସେନ ବାହାଳ, ଏଏସ୍‌ଆଇ ପ୍ରକାଶ ବାରିକ, ବନିତା ପ୍ରଧାନ, ପ୍ରଦୀପ କୁମାର ଶ୍ରୀଚନ୍ଦନ, ପବିତ୍ର ମୋହନ ବେହେରା, ଭାଜପା ମଣ୍ଡଳ ସଭାପତି ହେମନ୍ତ ବିଶ୍ୱାଳ, ବିଶ୍ୱରଞ୍ଜନ ପ୍ରଧାନ, ସିଦ୍ଧେଶ୍ୱର ରଥଙ୍କ ସମେତ ଅଞ୍ଚଳବାସୀ ଯୋଗଦେଇଥିଲେ।

# ଚୋରା ଶାଗୁଆନ କାଠ ଜବତ



**ଅନୁଗୋଳ,୨୭।୪(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ରେଞ୍ଜ ଅଫିସରଙ୍କ ତତ୍ତ୍ୱାବଧାନରେ ଗତ ୨୬ ତାରିଖ ଅପରାହ୍ନ ପ୍ରାୟ ୨ଟାରେ ପୁରୁଣାଗଡ଼ ମଦନମୋହନ ପାଟଣାସାହିରେ ଚଢ଼ାଉ କରାଯାଇ ଚୋରା ଶାଗୁଆନ କାଠ ଜବତ କରାଯାଇଛି। ଗୋଟିଏ ବିଲରେ ରଖାଯାଇଥିବା ୬ଟି ଶାଗୁଆନ ପଟା ଏବଂ ୭ଟି ଶାଗୁଆନ ଗଣ୍ଡି ଜବତ କରାଯାଇଛି। ଏହି ଚଢ଼ାଉବେଳେ ସରୋଜ କୁମାର ସିଂହ, ଅଭିମନ୍ୟୁ ମାଝୀ, ଫରେଷ୍ଟର ଋତୁପର୍ଣ୍ଣା ବିଶ୍ୱାଳ, ଗୌରହରି ସେଠୀ, ଜୟସ୍ମିତା ସାହୁ ଏବଂ ଲିଜାରାଣୀ ମାଝୀ, ବିକାଶ କୁମାର ଓଝା ଫରେଷ୍ଟ ଗାର୍ଡଙ୍କ ସମେତ ଗଜମିତ୍ରମାନେ ସାମିଲ ଥିଲେ।

# ଗୋ ସୁରକ୍ଷା ଓ ସମ୍ମାନ ପାଇଁ ପ୍ରାର୍ଥନାପତ୍ର



**ଆଠମଲ୍ଲିକ,୨୭।୪(ଉଦୀପ୍ତ ପୁରୋହିତ)/ବଇଣ୍ଡା (ପରିକ୍ଷିତ ସାହୁ)**

ଗୋରୁଙ୍କୁ ସେବା, ସୁରକ୍ଷା, ସମ୍ମାନ ଦେବାକୁ ଗୋ ସମ୍ମାନ ଆହ୍ୱାନ ଅଭିଯାନ ତରଫରୁ ସୋମବାର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପ୍ରାର୍ଥନାପତ୍ର ଆଠମଲ୍ଲିକ ପ୍ରଶାସନକୁ ପ୍ରଦାନ କରାଯାଇଛି। ଅଭିଯାନର ସଦସ୍ୟମାନେ ମା' ମାହେଶ୍ୱରୀ ମନ୍ଦିର ସମ୍ମୁଖରେ ଏକତ୍ରିତ ହୋଇ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଗୋ ମାତାକୁ ସୁରକ୍ଷା ଓ ସମ୍ମାନ ଦେବା ପାଇଁ ଏକ ୧୯ ଦଫା ସମ୍ବଳିତ ପ୍ରାର୍ଥନାପତ୍ର ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ବିଶ୍ୱଜିତ ମହାନ୍ତିଙ୍କୁ ପ୍ରଦାନ କରିଥିଲେ। ପ୍ରାର୍ଥନାପତ୍ର ଦେବା ସମୟରେ ଗୋ ସମ୍ମାନ ଆହ୍ୱାନ ଅଭିଯାନ ସଭ୍ୟ ବାବା ବିନୋଦ ନାଏକ, ଦୀକ୍ଷିତ ନାୟକ, ସନ୍ତୋଷ କୁମାର ନାୟକ, ଭବାନୀ ପ୍ରସାଦ ଜ୍ୟୋତିଷରାୟ, ଶରତ ଚନ୍ଦ୍ର ମହାପାତ୍ର, ରମେଶ ଭୁକ୍ତା, ସଂକୀର୍ତ୍ତନ ମେଣ୍ଡୁଲି, ରଞ୍ଜୁବାଳା ମାହାର, ଦୁହିତା ବେହେରା ପ୍ରମୁଖଙ୍କ ସମେତ ବହୁ ଗୋ ପ୍ରେମୀ ଉପସ୍ଥିତ ଥିଲେ। ସେହିପରି କିଶୋରନଗର ବ୍ଲକ ଗୋ ସମ୍ମାନ ଅଭିଯାନ ପକ୍ଷରୁ ଅଜୟ ବାବାଙ୍କ ନେତୃତ୍ୱରେ ଶୋଭାଯାତ୍ରା ସାଧୁପାଳ ମନ୍ଦିରରୁ ବାହାରି ତହସିଲ କାର୍ଯ୍ୟାଳୟ ଯାଏ ଯାଇଥିଲା। ସେଠାରେ ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନକରାଯାଇଥିଲା। ଆଠମଲ୍ଲିକ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ମୋତିଲାଲ ପ୍ରଧାନ, ରାଜେନ୍ଦ୍ର ସାହୁ, ରତ୍ନାକର ପ୍ରଧାନ, ଅସିତ ସାହୁ, ଧୁର୍ଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ପିଲାଙ୍କୁ ପୋଷାକ ବାଣ୍ଟିଲେ ସାମାଜିକ କର୍ମୀ

**ବନ୍ତଲା,୨୭।୪(ସୁଶିତ ସାହୁ)**

ଅନୁଗୋଳ ଜିଲା ବନ୍ତଳାର ଦୁର୍ଗମ ଅଞ୍ଚଳରେ ନିଆରା ଢଙ୍ଗରେ ଜନ୍ମଦିନ ପାଳିଛନ୍ତି ଯୁବ ସାମାଜିକ କର୍ମୀ ମହିମା ଜେନା। ଏଥିପାଇଁ ସେ ସୋମବାର ସକାଳେ ଅନୁଗୋଳର ଆରାଧ୍ୟା ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ଆଶୀର୍ବାଦନେଇ ନନ୍ଦପୁର ପଞ୍ଚାୟତ କରାଡ଼ାସିଂ ଓ ପବଲା ଗାଁରେ ପହଞ୍ଚିଥିଲେ। ସେଠାରେ ଆଦିବାସୀ ପିଲାଙ୍କ ସହ ଖୁସିଗପ କରିବା ସହ ଉଭୟ ଗାଁର ୫୦ଜଣ କୁନିପିଲାଙ୍କୁ ନୂତନ ପୋଷାକ ବଣ୍ଟନ କରିଥିଲେ। ସେମାନଙ୍କ ସହ ଏକାଠି ବସି ମିଠା ଖାଇଥିଲେ। ସାମାଜିକ କର୍ମୀ ଜେନା ହେଉଛନ୍ତି ଅନୁଗୋଳର ପୂର୍ବତନ ବିଧାୟକ ତଥା ସାମାଜିକକର୍ମୀ ସ୍ୱର୍ଗତ ରମେଶ ଜେନାଙ୍କ ନାତି ତଥା ବିପ୍ଳବ ଜେନାଙ୍କ ପୁଅ। ମହିମା କହିଛନ୍ତି, ଜେଜେବାପା ଓ ବାପାଙ୍କ ସମାଜସେବା ତାଙ୍କୁ ପ୍ରେରଣା ଯୋଗାଇଛି। ଜନ୍ମଦିନରେ ସମାଜର ନିମ୍ନସ୍ତରରେ ଥିବା ଛୋଟପିଲାଙ୍କୁ ଆବଶ୍ୟକତା ଅନୁଯାୟୀ ପୋଷାକ ବଣ୍ଟନ ଓ ସେମାନଙ୍କ ସହ ଖୁସିରେ ସମୟ ଅତିବାହିତ କରିବା ଆତ୍ମସନ୍ତୋଷ ଦେଇଛି।



ପିଲାଙ୍କୁ ପୋଷାକ ବିତରଣ କରିବା ଅବସରରେ ସାମାଜିକ କର୍ମୀ ମହିମା ଜେନା।

# ତାଳଚେର ପୌରପରିଷଦକୁ ମହାନଗର ନିଗମ କରିବାକୁ ଦାବି

**ତାଳଚେର, ୨୭।୪ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ନଗରର ସମଗ୍ର ଉନ୍ନୟନ ଓ ଐତିହ୍ୟ ସୁରକ୍ଷା ପାଇଁ ଯୁବ ଭାଜପା ନେତା ସ୍ୱାଧୀନ ଥମ୍ବ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଥମ୍ବ ଉଲ୍ଲେଖ କରିଛନ୍ତି, ୧୯୫୧ ମସିହାରେ ତାଳଚେର ଏନ୍‌ଏସି ଏବଂ ପରେ ପୌରପରିଷଦ ହୋଇଥିବାରୁ ଇତିମଧ୍ୟରେ ୭୫ ବର୍ଷ ପୂରଣ କରିଛି। ତେଣୁ ଏହାକୁ ମହାନଗର ନିଗମ କରିବା ସହ ସୀମା ବିସ୍ତାର କରାଯାଉ। ସହରର ସୌନ୍ଦର୍ଯ୍ୟ ବୃଦ୍ଧି ଓ ସାଧାରଣ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୌରାଞ୍ଚଳର ସମସ୍ତ ଓଭରହେଡ ବିଦ୍ୟୁତ୍ ତାରକୁ ଅଣ୍ଡରଗ୍ରାଉଣ୍ଡ ବ୍ୟବସ୍ଥାରେ ପରିଣତ କରାଯାଉ। ତାଳଚେରର ଗଡ଼ଜାତ ଐତିହ୍ୟ, ମା' ହିଙ୍ଗୁଳାଙ୍କ ପରମ୍ପରା ଏବଂ ସ୍ୱାଧୀନତା ସେନାନି ଓ ସ୍ଥାନୀୟ ପ୍ରତିନିଧିମାନଙ୍କ ତ୍ୟାଗକୁ ସଂରକ୍ଷଣ ପାଇଁ ଏକ ମ୍ୟୁଜିୟମ ସ୍ଥାପନ କରାଯାଉ।

# ଅଭିଯୋଗର ସମାଧାନ ନିର୍ଦ୍ଦେଶ ଦେଲେ ଏମ୍‌ପି

**ତାଳଚେର,୨୭।୪ (ମନୋଜ ନନ୍ଦ)**



ସ୍ୱର୍ଗତ ଭୁବନାନନ୍ଦ ପ୍ରଧାନଙ୍କ ପରିବାରକୁ ଭେଟୁଛନ୍ତି ଏମ୍‌ପି।

ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ସୋମବାର ତାଳଚେର ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଦୁଇଦିନ ପୂର୍ବରୁ ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ନାତି ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭିଣୋଇ ଭୁବନାନନ୍ଦ ପ୍ରଧାନଙ୍କ ଦେହାନ୍ତ ହୋଇଯାଇଥିବାରୁ ଏମ୍‌ପି ପାଣି ତାଙ୍କ ଶର୍ମାଛକସ୍ଥିତ ବାସଭବନରେ ପହଞ୍ଚି ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ତାଳଚେର ଦେଉଳବେଡାସ୍ଥିତ ଗୁରୁଜୀ ଆଶ୍ରମରେ ପହଞ୍ଚି ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣି ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ୫ କୋଟି ଟଙ୍କା ବ୍ୟୟରେ କଂକିଳି ଗ୍ରାମରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ପାଇ ଏମ୍‌ପି ପାଣି ଏ ଦିଗରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କୁ ଫୋନ କରି କହିଥିଲେ। ଡେର ପଞ୍ଚାୟତର ବିଭିନ୍ନ ଅଭିଯୋଗ ସରପଞ୍ଚ ଗୀତିଶ ପ୍ରଧାନ ଜଣାଇବା ପରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। କୋଇଲା ଖଣି କ୍ଷତିଗ୍ରସ୍ତଙ୍କ ସମସ୍ୟା, ଏନ୍‌ଟିପିସି କ୍ଷତିଗ୍ରସ୍ତଙ୍କ ସମସ୍ୟା, ଏଫ୍‌ସିଆଇ କ୍ଷତିଗ୍ରସ୍ତଙ୍କ ସମସ୍ୟା ସମାଧାନ ପାଇଁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ତାଳଚେରର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏମ୍‌ପିଙ୍କ ସହ ଜୋନାଲ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକ ଉପସ୍ଥିତ ଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ବରୁଣ ସାହୁ, ମଣ୍ଡଳ ସଭାପତି ରାଜେଶ ଦଳେଇ ଓ ଅଜୟ ସାହୁ, ଜଗଦୀଶ ପ୍ରସାଦ ସିଂହ, ସୁନୀଲ ପଟ୍ଟନାୟକ, ଖଇରା ପ୍ରଧାନ, ଗୋପାଳ ଚନ୍ଦ୍ର ସାହୁ, ସୁକାନ୍ତ ରାୟ, ହେମନ୍ତ ଘଡେଇ, ବିକ୍ରମ ପ୍ରଧାନ, ବସନ୍ତ ନାୟକ, ଜିତେନ୍ଦ୍ର ଦାସ, ଶିବରାମ ନାଏକ, ଅଶୋକ ସାମନ୍ତଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଟ୍ରେଲରକୁ ଧକ୍କାଦେଲା ଟ୍ରକ୍

**ସନ୍ତ୍ରୀଛକ,୨୭।୪(ସନ୍ତୋଷ ପରିଡ଼ା)**

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ନୂଆହତା ବାଇପାସ୍‌ଠାରେ ସୋମବାର ଏକ ଲୁହା ବୋଝେଇ ଟ୍ରେଲର (ନଂ. ପିବି୧୩ବିଆର୍-୯୧୭୧) କୁ ଏକ ଟ୍ରକ୍ ଧକ୍କା ଦେଇଛି। ଟ୍ରେଲରଟି ଅନୁଗୋଳ ଆଡୁ କଟକ ଅଭିମୁଖେ ଯାଉଥିବାବେଳେ ପଛରୁ ଆସୁଥିବା ଟ୍ରକ୍ ନମ୍ବର (ଓଡି୧୫ଆର୍-୨୨୨୯) ଟ୍ରେଲର ପଛରେ ପିଟି ହୋଇଥିଲା। ଟ୍ରକ୍ ଡ୍ରାଇଭର ଆହତ ହେବା ଦେଖି ସ୍ଥାନୀୟଲୋକେ ବଅଁରପାଳ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଆହତ ଡ୍ରାଇଭରଙ୍କୁ ଉଦ୍ଧାରକରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ସହ ଗାଡ଼ି ୨ଟି କୁ ଜବତ କରି ଅଧିକ ତଦନ୍ତ ଚଳାଇଛି।



# ତୃଣମୂଳସ୍ତରରୁ ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ





**ତାଳଚେର,୨୭।୪(ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେରର ଏକ ହୋଟେଲ ପରିସରରେ ଅନୁସୂଚିତ ଜାତି ଓ ଜନଜାତିର କର୍ମଚାରୀ ସଂଘ ସିଷ୍ଟା ପକ୍ଷରୁ ବାବା ସାହେବ ଡ. ଭୀମରାଓ ଆମ୍ବେଡକରଙ୍କ ୧୩୬ ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ସିଷ୍ଟା ହିଙ୍ଗୁଳା ଏରିଆ ସଭାପତି ଅମର ଚାନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ସିଏଲ୍‌ର ଲିଆସନ ଅଫିସର ସୁଶୀଲ କୁମାର ବେହେରା ଯୋଗଦେଇ ସଙ୍ଗଠନକୁ ତୃଣମୂଳସ୍ତରରେ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ଏସ୍‌ସିଏସ୍‌ଟି ସଂଯୁକ୍ତ ମୋର୍ଚ୍ଚାର ରାଜ୍ୟ ସଭାପତି ସୁଧୀର କୁମାର ଖଣ୍ଡା, ସମ୍ମାନିତ ଅତିଥି ଭାବେ ରାଜଶ୍ରୀ ପାଣିଗ୍ରାହୀ, ଏମ୍‌ସିଏଲ୍ ଭରତପୁର ପ୍ରୋଜେକ୍ଟ ଅଫିସର ଦିବାକର ମାଝୀ, ପର୍ସନାଲ ମ୍ୟାନେଜର କାନ୍ତ ଡାକୁଆ, ଷ୍ଟାଫ ଅଫିସର ଜୟନ୍ତ ମିଶ୍ର, ପରିସଂଘର ରାଜ୍ୟ ସଭାନେତ୍ରୀ ଏଲ. ମାଣିକ୍ୟପ୍ରଭା, ଭୀମ ଆର୍ମିର ଜିଲା ସଭାପତି ଅନନ୍ତ ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଅଶୋକ କୁମାର ନାଏକ, ଓସିପି ସଭାପତି ମନୋଜ କୁମାର ନାଏକ, ସମ୍ପାଦକ ଭ୍ରମରବର ନାଏକ, ଜେସିସି ମେମ୍ବର ସୁବାସ ଚନ୍ଦ୍ର ଗଡ଼ନାୟକ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଷ୍ଟାର ସାଧାରଣ ସମ୍ପାଦକ ଧୀମନ କୁଞ୍ଜବିହାରୀ ବେହେରା, ବ୍ରହ୍ମା ନାଏକ, ଚତୁରାନନ ନାଏକ, ବେଣୁଧର ନାଏକ, ଗୋକୁଳାନନ୍ଦ ନାଏକ, ମିଲି ନାଏକ, ସୂର୍ଯ୍ୟକାନ୍ତି ନାଏକ ପ୍ରମୁଖ ଯୋଗଦେଇଥିଲେ। ଜଗନ୍ନାଥ ଏରିଆ, ଓସିପି ତାଳଚେର ଏରିଆ, ଲିଙ୍ଗରାଜ ଏରିଆ, ଓସିପି ଭରତପୁର ଏରିଆ, ଓସିପି ହିଙ୍ଗୁଳା ଏରିଆ, ଓସିପି କଣିହାଁ ଏରିଆ, ଓସିପି ସିଷ୍ଟାର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସମାଜରେ ବିଭିନ୍ନ ଉଲ୍ଲେଖନୀୟ ଅବଦାନ ପାଇଁ ୪ ଜଣଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ମନୋଜ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

